# ଓଡ଼ିଶାରେ ୫୦ ଶାଖା ଖୋଲିବ ଏସ୍ଏସ୍ଏଫ୍ବି




ଭୁବନେଶ୍ୱର,୫।୬(ବ୍ୟୁରୋ): ଗତବର୍ଷଠାରୁ ଦେଶରେ ବ୍ୟାଙ୍କିଙ୍ଗ୍ ସେବା ଆରମ୍ଭ କରିଥିବା ସୂର୍ଯ୍ୟୋଦୟ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କ (ଏସ୍ଏସ୍ଏଫ୍ବି) ଆସନ୍ତା ବର୍ଷକ ମଧ୍ୟରେ ଓଡ଼ିଶାରେ ୫୦ ବ୍ୟାଙ୍କ ଶାଖା ଖୋଲିବ। ସେହିଭଳି ଓଡ଼ିଶାରେ ବ୍ୟାଙ୍କର ମୋଟ୍ ବ୍ୟବସାୟକୁ ୭୫୦ କୋଟି ଟଙ୍କାରେ ପହଞ୍ଚାଇବ। ଏସ୍ଏସ୍ଏଫ୍ବି ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ଏମ୍ଡି ତଥା ସିଇଓ) ଆର୍ ବାସ୍କର ବାବୁ ଏହା କହିଛନ୍ତି।

ଶ୍ରୀ ବାବୁ କହିଛନ୍ତି, ଏସ୍ଏସ୍ଏଫ୍ବି ୨୦୧୭ ଜାନୁଆରୀରୁ କ୍ଷୁଦ୍ର ଫାଇନାନ୍ସ ବ୍ୟାଙ୍କ ଭାବେ କାର୍ଯ୍ୟ ଆରମ୍ଭ କରିଛି। ୨୦୧୮ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କର ଜମା ପରିମାଣ ୮୩୦ କୋଟି ଟଙ୍କା ଓ ଋଣ ପରିମାଣ ୧,୬୬୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୧୮-୧୯ରେ ଏସ୍ଏସ୍ଏଫ୍ବି ଦେଶରେ ନିଜର ମୋଟ୍ ଋଣକୁ ୩,୦୦୦ କୋଟି ଟଙ୍କା ଓ ଜମା ରାଶିକୁ ୨,୫୦୦ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି।

## ଜମାରାଶି ଉପରେ ୭.୨୫%, ଏଫ୍ଡିରେ ୮.୭୫% ସୁଧ

ଏହି ବ୍ୟବସାୟିକ ଲକ୍ଷ୍ୟ ପୂରଣ ପାଇଁ ସୂର୍ଯ୍ୟୋଦୟ ଆଗାମୀ ବର୍ଷକ ମଧ୍ୟରେ ସାରା ଦେଶରେ ୪୦୦ ବ୍ୟାଙ୍କ ଶାଖା ଖୋଲିବାକୁ ଲକ୍ଷ୍ୟ ରଖିଛି। ସେଥିମଧ୍ୟରୁ କେବଳ ଓଡ଼ିଶାରେ ୫୦ଟି ଶାଖା ଖୋଲାଯିବ ବୋଲି ସେ କହିଛନ୍ତି।

ସୂର୍ଯ୍ୟୋଦୟ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଗ୍ରାହକଙ୍କୁ ସଞ୍ଚୟ ଖାତା ଜମା ରାଶି ଉପରେ ସର୍ବାଧିକ ୭.୨୫% ସୁଧ ଦେଉଥିବା ବେଳେ ମିଆଦୀ ଜମା (ଏଫ୍ଡି) ଉପରେ ୮.୭୫% ସୁଧ ଦେଉଛି। ସେହିଭଳି ବ୍ୟାଙ୍କ ସଞ୍ଚୟ ଖାତା ଜମାରେ ପ୍ରତି ମାସରେ ସୁଧ ପ୍ରଦାନ କରୁଛି।

୨୦୧୮ ମାର୍ଚ୍ଚ ସୁଦ୍ଧା ଓଡ଼ିଶାରେ ଏସ୍ଏସ୍ଏଫ୍ବିର ଜମା ପରିମାଣ ୪୦ କୋଟି ଟଙ୍କାରେ ପହଞ୍ଚିଛି। ଋଣ ପରିମାଣ ୩୦୦ କୋଟି ଟଙ୍କା ରହିଛି। ତେବେ ୨୦୧୮ ମାର୍ଚ୍ଚ ସୁଦ୍ଧା ବ୍ୟାଙ୍କ ରାଜ୍ୟରେ ନିଜ ବ୍ୟବସାୟକୁ ୭୫୦ କୋଟି ଟଙ୍କାରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛି। ସେଥିରେ ଋଣ ପରିମାଣ ୬୦୦ କୋଟି ଟଙ୍କା ହେବାକୁ ଥିବା ବେଳେ ଜମା ପରିମାଣ ୧୫୦ କୋଟି ଟଙ୍କାରେ ପହଞ୍ଚିବ ବୋଲି ଶ୍ରୀ ବାବୁ କହିଛନ୍ତି। ଏ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଆର୍ ସତ୍ୟନାରାୟଣନ୍ ଓ ଧାରା ବ୍ୟାସ ଉପସ୍ଥିତ ଥିଲେ।